# Akashvani, Sambalpur

## SAMBALPURI NEWS BULLETIN

### 27 September 2024- 6.47- 6.52 am.

**********************************************

ଜିଲ୍ଲାପାଳ୍ ସମ୍ମିଳନୀ                ଆର୍‌ଏନ୍‌ୟୁ / ସମ୍ବଲପୁର

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍‌ର କନ୍‌ଭେନ୍‌ସନ୍ ହଲ୍ ଠାନେ ଆଏଜ୍‌ଠାନୁ ୨ ଦିନିଆ ଜିଲ୍ଲାପାଳ୍ ସମ୍ମିଳନୀ ମୁଲ୍ ହେବାର୍‌କେ ଯାଉଛେ । ସଖାଲର୍ ୯ ବାଜିକରି ୧୫ ମିନିଟ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସମ୍ମିଳନୀର୍ ଉଦ୍‌ଘାଟନ୍ କର୍‌ବେ । ସମ୍ମିଳନୀଥି କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ଜନକଲ୍ୟାଣ୍ ଯୋଜ୍‌ନା ମାନ୍‌କର୍ କାର୍ଯ୍ୟକାରିତା ଆର୍ ରାଜ୍ୟର୍ ବିକାଶ୍‌କେ ଆଗ୍‌କେ ନେବାର୍ ବାବଦ୍ ନକ୍ସା ତିଆର୍ କରାଯିବା । ଇତାର୍‌ସଙ୍ଗେ ସମ୍ମିଳନୀର୍ ୨ ନମ୍ବର୍ ଦିନର୍ ଅଧିବେଶନ୍‌ଥି ଏସ୍.ପି.ମାନେ ସାମିଲ୍ ହେବେ ଆଉ ରାଜ୍ୟର୍ ଆଇନ୍ ଶୃଙ୍ଖଳା ଥିତି ଉପ୍‌ରେ ଆଲୋଚନା କରାଯିବା ବଲି ଜନାପଡ଼ିଛେ ।

ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ -୨୦୨୫-ଲୋଗୋ

ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶାକେ ୨୦୩୬ ମସିହାତକ୍ ବିକଶିତ୍ ଓଡ଼ିଶା ବନାବାର୍ ଲକ୍ଷ୍ୟଥି ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ -୨୦୨୫ ର ଲୋଗୋ ଉନ୍ମୋଚନ୍ ସମାରୋହ ଆଏଜ୍ ଭୁବ୍‌ନେଶ୍ୱର୍ ନ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଲୋଗୋର ଉନ୍ମୋଚନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ବୈଜ୍ଞାନିକ ପୁରସ୍କୃତ ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶା ବିଜ୍ଞାନ୍ ଏକାଡେମୀ ତର୍‌ଫୁ ୫ ଟା ବର୍ଗ ନ ୧୬ ଝନ୍ ବୈଜ୍ଞାନିକଙ୍କୁ ପୁରସ୍କୃତ କରାଯିବା । ରାଜ୍ୟ ସର୍‌କାର୍‌ଙ୍କର୍ ବିଜ୍ଞାନ୍ ଆଉ ବୈଷୟିକ ବିଭାଗ୍‌ର ଅନୁମୋଦନ୍ ଉତ୍‌ରୁ ଇ ବାବଦ୍ ଘୋଷ୍‌ନା କରାଯାଇଛେ ।

ଚାଷୀ- ସୌରଚାଳିତ ପମ୍ପ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଏତ୍‌କର ଜମିକେ ସୌରଚାଳିତ ପମ୍ପ୍ ଜରିଏ ପାଏନ୍ ମଡ଼ାଯିବା । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ

ଉପମୁଖ୍ୟମନ୍ତ୍ରୀ କନ୍କ ବର୍ଦ୍ଧନ୍ ସିଂହଦେଓ ଇ ବାବ୍‌ଦେ ରୟଲ୍ ଇଣ୍ଡିଆ କମ୍ପାନୀର୍ ପ୍ରତିନିଧିମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ସୂଚ୍‌ନା ଅନ୍‌ସାରେ ଚାଷୀମାନେ ସହଜେ ଅନାନିଆ କରାଯାଇପାରୁଥିବା ସୌରଚାଲିତ୍ ପମ୍ପ୍ ଜରିଏ କୁଅାଁ, ବନ୍ଧ୍ ବାଗିର୍ ଭିନ୍ ଭିନ୍ ଜଳଉତ୍ସନୁ ନିଜର୍ ଚାଷ୍ ଜମିକେ ପାଏନ୍ ମଡ଼େଇପାର୍‌ବେ । ଇତାରଜରିଏ ଚାଷୀମାନ୍‌କର୍ ବିଜ୍‌ଲି ବାବଦ୍ ଖର୍ଚ୍ଚା ଭିଲ୍ କମ୍‌ବା ।

## ମେଟ୍ରିକ୍ ପରୀକ୍ଷା- ଛାତ୍ରଛାତ୍ରୀ ପଞ୍ଜିକରଣ୍

ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ଼ ତର୍‌ଫୁ ଆଏବା ୨୦୨୬ ମସିହାଥି ମେଟ୍ରିକ୍ ପରୀକ୍ଷା ଦେବାର୍‌କେ ଥିବାର୍ ୯ କ୍ଲାସ୍‌ର ଛାତ୍ରଛାତ୍ରୀ ମାନ୍‌କର୍ ପଞ୍ଜିକରଣ୍ ଆଏଜ୍‌ଠାନୁ ମୁଲ୍ ହେବା । ଆଏବା ମାସର୍ ୯ ତାରିଖ୍‌ତକ୍ ଇ ପଞ୍ଜିକରଣ୍ ହେଇପାର୍‌ବା । ଛାତ୍ରଛାତ୍ରୀମାନେ ଅନ୍‌ଲାଇନ୍‌ଥି ୬୦ ଟଙ୍କା ଫି’ ଦାଖଲ୍ କରିକରି ନାଁ ପଞ୍ଜିକରଣ୍ କରିପାର୍‌ବେ । ଅନୁସୂଚିତ ଜାତି ଆଉ ଜନଜାତି ବର୍ଗର୍ ଛାତ୍ରଛାତ୍ରୀମାନ୍‌କର୍ ଲାଗି ପଞ୍ଜିକରଣ୍ ଫି’ ନାଇଁ ପଡ଼େ । ୯ କ୍ଲାସ୍‌ର ଯେନ୍ ଛାତ୍ରଛାତ୍ରୀ ପଞ୍ଜିକରଣ୍ ନାଇଁ କରାବେ

ସେମାନେ ଆଏବା ୨୦୨୬ ମସିହାର୍ ରେଗୁଲାର୍ ମେଟ୍ରିକ୍ ପରୀକ୍ଷା ଦେଇନାଇଁପାରନ୍ ବଲି ବୋର୍ଡ଼୍ ତର୍ଫୁ ସୂଚ୍ନା ଦିଆୟାଇଛେ ।

ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ଆର୍ଏନ୍ୟୁ / ସମ୍ବଲପୁର

ଓଡ଼ିଶା ନର୍ସିଂ କର୍ମଚାରୀ ସଂଘର ଦାବି ଉପ୍ରେ ବିଚାର୍ ଲାଗି ରାଜ୍ୟ ସର୍କାର୍ ଗୁଟେ ଅନ୍ତବିଭାଗୀୟ କମିଟି ଗଠନ୍ କର୍ବାର୍କେ ନିଷ୍ପତି ନେଇଛନ୍ । ଇତାର୍ସଙ୍ଗେ ସ୍ୱାସ୍ଥ୍ୟସେବାର୍ ଆବଶ୍ୟକତାକେ ବୁଝିକରି ଆନ୍ଦୋଲନ୍‌ନୁ ହଟିଯିବାର୍କେ ରାଜ୍ୟ ସର୍କାର୍ ନର୍ସିଂ କର୍ମଚାରୀମାନ୍‌କୁ ନିବେଦନ୍ କରିଛନ୍ ।

ବିଶ୍ୱ ପର୍ଯ୍ୟଟନ୍ ଦିବସ୍ ଆର୍ଏନ୍ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ପର୍ଯ୍ୟଟନ୍ ଦିବସ୍ । ପୁର୍ଥିର୍ ସୌନ୍ଦର୍ଯ୍ୟକେ ଲୁକ୍‌କୁ ଲୁଭାବାର୍ ଲାଗି ୧୯୮୦ ମସିହା ନୁ ଆଝିର୍ ଦିନ୍‌କେ ଜାତିସଂଘ ପର୍ଯ୍ୟଟନ୍ ସଂଗଠନ୍ -ବିଶ୍ୱ ପର୍ଯ୍ୟଟନ୍ ଦିବସ୍ ପାଲନ୍ କରୁଛେ । ଇଥରର୍ ବିଶ୍ୱ ପରିବେଶ୍ ଦିବସ୍ର ବାର୍ତା ରହିଛେ 'ପର୍ଯ୍ୟଟନ୍ ଆର୍ ଶାନ୍ତି' । ବିଶ୍ୱ ପର୍ଯ୍ୟଟନ୍ ଦିବସ୍ ଅବ୍ସରେ କେନ୍ଦ୍ର ଆର୍

ରାଜ୍ୟ ସର୍କାର୍ଙ୍କର୍ ପର୍ଯ୍ୟଟନ୍ ବିଭାଗ୍ ତର୍ଫୁ ପର୍ଯ୍ୟଟନ୍କେ ତହଁକାବାର୍ ଲାଗି ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ । କେନ୍ସି ଦେଶର୍ ଅର୍ଥନୀତିକେ ଆଗ୍କେ ବଢ଼ାବାର୍ ଆର୍ ଭାବମୂର୍ତି ନିର୍ମାଣ୍ ସହେତେ ପରିଚୟ ବନାବାର୍ଥି ପର୍ଯ୍ୟଟନ୍ର ଜବର୍ ଗୁରୁତ୍ୱ ରହିଛେ । ସେନ୍ତା ସାଂସ୍କୃତିକ ଆଦାନ୍ ପ୍ରଦାନ୍କେ ତହଁକାବାର୍ ଆର୍ ଲୁକ୍କର୍ ଭିତ୍ରେ ସମ୍ପର୍କ ଗଢ଼୍ବାର୍ଥି ପର୍ଯ୍ୟଟନ୍ କାମ୍ କରିଥିସି ।

ମନ୍ କି ବାତ୍ ଏନ୍ଏସ୍ଡି

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୯ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍କର୍ ସାଙ୍ଗେ ବିଚାର୍ ବିନିମୟ କର୍ବେ । ଇଟା ତାଙ୍କର୍ ଶହେ ୧୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇ କାର୍ଯ୍ୟକ୍ରମ୍ ଆକାଶ୍ବାଣୀ ଆଉ ଦୂର୍ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍, ପିଏମ୍ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍ ଥି ଭିଲ୍ ପ୍ରସାରଣ୍

କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ସମ୍ବଲପୁର- ନିପୁଣ ଓଡ଼ିଶା ମିଶନ୍        ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ବଲପୁର ତପସ୍ୱିନୀ ସମ୍ମିଲନୀ କକ୍ଷ ନ ନିପୁଣ ଓଡ଼ିଶା ମିଶନ୍ କାର୍ଯ୍ୟକ୍ରମ୍‌ର ଜିଲ୍ଲାସ୍ତରୀୟ ଶୁଭାରମ୍ଭ ଉତ୍ସବ୍ ହେଇଯାଇଛେ । ଉତ୍ସବ୍‌ଥି ନିପୁଣ ଓଡ଼ିଶା ମିଶନ୍‌ର ଲୋଗୋ, ଲିଫ୍‌ଲେଟ୍ ଆର୍ ସଂଗୀତ୍‌ର ଉନ୍ମୋଚନ୍ କରାଯିବାର୍ ସାଙ୍ଗେ ମିଶନ୍‌ର ଉଦ୍ଦେଶ୍ୟ ଆର୍ କାର୍ଯ୍ୟକାରିତା ବାବ୍‌ଦେ ଆଲୋଚନା କରାଯାଇଥିଲା । ଉତ୍ସବ୍‌ଥି ଜିଲ୍ଲାର୍ ସବୁ ବ୍ଲକ୍ ଶିକ୍ଷା ଅଧିକାରୀ ଆଉ ସ୍କୁଲ୍ ମାନ୍‌କର୍ ପ୍ରଧାନ୍ ଶିକ୍ଷକ୍ ଯୋଗ୍ ଦେଇଥିଲେ ।

ରାଷ୍ଟ୍ରୀୟ ପୋଷଣ ମାସ        ଆର୍‌ଏନ୍‌ୟୁ /ସମ୍ବଲପୁର

ରାଷ୍ଟ୍ରୀୟ ପୋଷଣ ମାସ ପାଳନ୍ ଅବ୍‌ସରେ ଏବ୍‌ତକ୍ ଦେଶେ ୯ କୋଟି ୨୦ ଲାଖ୍‌ନୁ ଅଏତ୍‌କା କାର୍ଯ୍ୟକ୍ରମ୍ ହେଇଥିବା ମହିଳା ଆଉ ଶିଶୁ ବିକାଶ୍ ମନ୍ତ୍ରଣାଳୟ ତର୍‌ଫୁ କୁହାଯାଇଛେ । ସୂଚ୍‌ନା

ଅନ୍‌ସାରେ ରାଷ୍ଟ୍ରୀୟ ପୋଷଣ୍ ମାସ୍ ପାଲନ୍ ଅବ୍‌ସରେ ମହିଳାମାନ୍‌କୁ ରକ୍ତହୀନତା ଦୂରୀକରଣ୍, ମା’ ଆଉ ଛୁଆକର୍ ଅଭିବୃଦ୍ଧିର୍ ତଦାରଖ୍ ଆର୍ ପୁଷ୍ଟି ଆହାର ଯୁଗାବାର୍ ବାବ୍‌ଦେ କାର୍ଯ୍ୟକ୍ରମ୍ ମାନ୍ ହେଇଛେ ।

ଶାରୀରିକ ଅକ୍ଷମ ଛାତ୍ରଛାତ୍ରୀ ଚିହ୍ନଟ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଶାରୀରିକ୍ ଅକ୍ଷମତା ଆର୍ ସ୍ୱାସ୍ଥ୍ୟ ସମସ୍ୟାର୍ ଲାଗି ସ୍କୁଲ୍ ନାଇଁ ଆସିପାରୁଥିବାର୍ ଛାତ୍ରଛାତ୍ରୀମାନ୍‌କୁ ଚିହ୍ନଟ୍ କରିକରି ସେମାନ୍‌କର୍ ଘରେ ସବୁ ପ୍ରକାରର୍ ସୁବିଧା ପୁହୁଁଚାବାର୍‌କେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ସବୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ କୁହାଯାଇଛେ । ସୂଚ୍‌ନା ଅନ୍‌ସାରେ ଶାରୀରିକ୍ ଅକ୍ଷମତା ଆଉ ସ୍ୱାସ୍ଥ୍ୟ ସମସ୍ୟା ଲାଗି ସ୍କୁଲ୍ ନାଇ ଯାଇ ପାରୁଥିବା ୬ ନୁ ୧୪ ବଛର୍ ବୟସର୍ ଛୁଆକୁ ଆଏବା ୩୦ ନୁ ଅକ୍ଟୋବର୍ ୯ ତାରିଖ୍ ଭିତ୍‌ରେ ଚିହ୍ନଟ୍ କରାଯିବା । ସେ ଛୁଆମାନ୍‌କର୍ ଘରେ ଶୁଖା ରାସନ୍, ପଢ଼୍‌ବାର୍ ଲାଗି ବହିଖାତା ପୁହୁଁଚାଯିବା ।

ପାଣିପାଗ ଆର୍‌ଏନ୍‌ୟୁ /ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ଗୁଟେ ଲଘୁଚାପ୍ ହେଇଛେ । ହେତାର୍ ପ୍ରଭାବ୍‌ଥି ଆଏଜ୍ ପଶ୍ଚିମ ଓଡ଼ିଶାର୍  ଝାର୍‌ସୁଗୁଡ଼ା, ବର୍‌ଗଡ଼୍, ସୁନ୍ଦର୍‌ଗଡ଼୍, ନୂଆପଡ଼ା ଆର୍ ବଲାଙ୍ଗିର୍ ସହେତେ ରାଜ୍ୟର୍ ୨୧ ଜିଲ୍ଲାର୍ କେତେ ଜାଗା ନ ଘିଡ୍‌ଘିଡ଼ି ମାରିକରି ବନିହାଁ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।